# ପାନୀୟ ଜଳ ସଂକଟ ଉତ୍କଟ

- **ରାଜ୍ୟରେ ୭୦ ହଜାରରୁ ଊର୍ଦ୍ଧ୍ୱ ନଳକୂପ ଅଚଳ**
- **ଲୋ ଭୋଲଟେଜ ଯୋଗୁଁ ଅଧିକାଂଶ ପ୍ରକଳ୍ପ ପାଣି ଉଠାଇ ପାରୁନି**
- **କୂଅ, ପୋଖରୀ, ନଦୀ ଧାର ଶୁଖିଲା, ମଣିଷ, ପଶୁପକ୍ଷୀ ହନ୍ତସନ୍ତ**

ଭୁବନେଶ୍ୱର, ୬।୬ (ନି.ପ୍ର): ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଥିବାବେଳେ ପାନୀୟ ଜଳ ସଂକଟ ଉତ୍କଟ ସ୍ଥିତିରେ ପହଞ୍ଚିଛି । ଗାଁ ଗଣ୍ଡାରେ ଅଧିକାଂଶ କୂଅ,ପୋଖରୀ ଶୁଖି ଯାଇଥିବାବେଳେ ଭୂତଳ ଜଳ ନିମ୍ନଗାମୀ ହୋଇଯିବା ଫଳରେ ରାଜ୍ୟରେ ପ୍ରାୟ ଏବେ ସୁଦ୍ଧା ୭୦ ହଜାରରୁ ଊର୍ଦ୍ଧ୍ୱ ନଳକୂପ ଅଚଳ ହୋଇପଡ଼ିଛି । ବଡ଼ ବଡ଼ ଶିଳ୍ପ ଓ ବିଭିନ୍ନ ଶିଳ୍ପାଞ୍ଚଳରେ ଉଚ୍ଚ ଶକ୍ତିସଂପନ୍ନ ମଟର ଲଗାଇ ଭୂତଳଜଳର ବହୁଳ ବ୍ୟବହାର କରୁଥିବାରୁ ବଡ଼ ବଡ଼ ଶିଳ୍ପ ଓ ଶିଳ୍ପାଞ୍ଚଳ ଆଖ ପାଖ ଗ୍ରାମଗୁଡ଼ିକରେ ପାଣି ମୁନ୍ଦେ ପାଇଁ ଲୋକେ ଓହଳ ବିକଳ ହେଉଛନ୍ତି । ନଦୀଧାର ଗୁଡ଼ିକ ଶୁଖିଯାଇଥିବାବେଳେ କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଜିଲାମାନଙ୍କରେ ନଦୀବାଲି ଖୋଳି ଲୋକେ ପାଣି ସଂଗ୍ରହ କରୁଛନ୍ତି । ପାଣି ବିନା ମଣିଷ, ପଶୁପକ୍ଷୀ ହନ୍ତସନ୍ତ ହୋଇପଡୁଛନ୍ତି । ପାନୀୟଜଳ ଯୋଗାଣ ପାଇଁ ପାଇପ ଜଳ ଯୋଗାଣ ପାଇଁ ରାଜ୍ୟରେ ଥିବା ୭୬୩୨ ଟି ଥିବାବେଳେ ସେଥିମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ପ୍ରକଳ୍ପରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଛି । କେତେକ ସ୍ଥାନରେ ମଟର ପୋଡ଼ିଯାଇଥିବାବେଳେ ଆଉ କେତେକ ସ୍ଥାନରେ ଲୋ ଭୋଲଟେଜ ଯୋଗୁଁ ମଟର କାମ କରୁନାହିଁ । ତେଣୁ ସେହି ଗ୍ରାମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ରହିଥିଲେ ହେଁ ଲୋକେ ପାଣି ପାଉନାହାନ୍ତି । ରାଜ୍ୟରେ ୧୪୧୪୩୮ ଜନବସତିରେ ପ୍ରାୟ ୩.୨୩ ଲକ୍ଷ ନଳକୂପ ବସିଥିବାବେଳେ ଭୂତଳ ଜଳସ୍ତର ଖସିଯିବାରୁ ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ନଳକୂପ ଅଚଳ ହୋଇପଡ଼ିଛି । ରାଇଜର ପାଇପ ବସାଯାଇ ନଳକୂପକୁ ସଚଳ କରିବା ପାଇଁ ଯେଭଳି ଉଦ୍ୟମ ହେବା କଥା ସେପରି କରାଯାଇ ପାରୁନାହିଁ ବୋଲି ଅଧିକାଂଶ ଗ୍ରାମବାସୀମାନେ ଅଭିଯୋଗ କରୁଛନ୍ତି । ଗ୍ରାମାଞ୍ଚଳ ଖରାପ ହୋଇଥିବା ନଳକୂପଗୁଡ଼ିକ ସଜାଡ଼ିବା ପାଇଁ ସେଲଫ ଏମ୍ପ୍ଲଏଡ଼ ମେକାନିକ(ଏସଇଏମ)ଙ୍କୁ ନିଯୁକ୍ତି ଦିଆଯାଇଛି । ମାସକୁ ମାତ୍ର ୫୦୦ ଟଙ୍କା ପାଇଥିବା ଏହି ଧରଣର ମେକାନିକଙ୍କ ପାଖରେ ମରାମତି ପାଇଁ ଆବଶ୍ୟକ ଯନ୍ତ୍ରାଂଶ ନାହିଁ । ଏତଦ୍‌ ବ୍ୟତୀତ ଜଣେ ଜଣେ ମେକାନିକଙ୍କ ପାଇଁ ଯେତେ ସଂଖ୍ୟକ ନଳକୂପ ମରାମତି ପାଇଁ ଖବର ଆସୁଛି ତାହା କରିବା ସମ୍ଭବ ନୁହେଁ । କେତେକ ଅଞ୍ଚଳରେ ନଳକୂପ ମରାମତି ପାଇଁ ମୋବାଇଲ ଭ୍ୟାନର ବ୍ୟବସ୍ଥା କରାଯାଇଛି । ମାତ୍ର ଯେଉଁ ସଂଖ୍ୟାରେ ଏହି ମୋବାଇଲ ଭ୍ୟାନ କାର୍ଯ୍ୟ କରୁଛି ସେଥିରେ ଖରାପ ହୋଇପଡ଼ିଥିବା ନଳକୂପ ଗୁଡ଼ିକର ତ୍ୱରିତ ମରାମତି କରାଯାଇ ପାରୁନାହିଁ । କେତେକ ଗ୍ରାମରେ ନଳକୂପ ମରାମତି ପାଇଁ ୨୦ ଦିନରୁ ଏକମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି । ରାଜ୍ୟ ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ପାଣି ଯୋଗାଇବା ପାଇଁ ୪୭୫ ଟ୍ୟାଙ୍କର ଓ ସହରାଞ୍ଚଳ ପାଇଁ ୩୭୦ଟି ଟ୍ୟାଙ୍କର ନିୟୋଜିତ କରିଥିବା କୁହାଯାଇଛି । ମାତ୍ର ଏହି ସଂଖ୍ୟକ ଟ୍ୟାଙ୍କର ଚଳିତ ବର୍ଷର ପାନୀୟ ଜଳ ସଂକଟକୁ ମୁକାବିଲା କରିବା କ୍ଷେତ୍ରରେ ଯଥେଷ୍ଟ ନୁହେଁ । ରାଜ୍ୟରେ ପାନୀୟ ଜଳ ସଂକଟ ଅଞ୍ଚଳ ପ୍ରତିବର୍ଷ ବୃଦ୍ଧି ପାଇ ଚାଲିଛି । ଯୋଜନାବଦ୍ଧ ଭାବେ ସ୍ଥାୟୀ ପ୍ରତିକାର ହେଉନାହିଁ । ଗ୍ରୀଷ୍ମକାଳରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସରକାର ବ୍ୟସ୍ତ ହୋଇପଡ଼ିଛନ୍ତି । ଗ୍ରୀଷ୍ମଋତୁ ଚାଲିଗଲେ ସରକାର ପାନୀୟ ଜଳ ସମସ୍ୟା ଭୁଲି ଯାଆନ୍ତି । ବଲାଙ୍ଗିର, ସମ୍ବଲପୁର, ଦେବଗଡ଼, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଜିଲା ସମେତ ବ୍ରହ୍ମପୁର ଏବଂ ଉପକୂଳ ଓଡ଼ିଶାର ଭଦ୍ରକ, କଟକ, ଯାଜପୁର ଓ ଖୋର୍ଦ୍ଧା ଜିଲାର ବହୁ ଅଞ୍ଚଳରେ ପାନୀୟ ଜଳ ସଂକଟ ତୀବ୍ର ହୋଇଛି ।